# Akashvani, Sambalpur

## SAMBALPURI NEWS EVENING BULLETIN

## 8 April 2025- 7.02 pm- 7.12 pm.

*************************************************

୧- ରାଏଜେ ଶିଳ୍ପ ପ୍ରତିଷ୍ଠା ଲାଗି ନୂଆଦିଲ୍ଲୀ ନିବେଶକ ସମ୍ମିଲନୀଥି୍ ୧୩ ଟା ଚୁକ୍ତିନାମା ସ୍ୱାକ୍ଷରିତ ।

- ପାଖାପାଖି୍ ୧ ଲାଖ୍ ୪ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଲାଗି ମିଲିଛେ ପ୍ରସ୍ତାବ୍ ।

୨- ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନାଥି୍ ଗଲା ୧୦ ବଛର୍ ଭିତ୍‌ରେ ୫୨ କୋଟି ଉଦ୍ୟୋଗୀଙ୍କୁ ଦିଆଯାଇଛେ ଋଣ ।

୩- ରାଏଜେ ଓଡ଼ିଆ ପକ୍ଷ ପାଲନ୍‌ର ୮ ନମ୍ବର୍ ଦିନେ ହେଇଛେ ରକ୍ତଦାନ୍ ଶିବିର ।

ଆଉର୍

୪- ମେଟ୍ରିକ୍ ପରୀକ୍ଷାଫଲ୍ ମେ ମାସ ୨ ନମ୍ବର୍ ହପ୍ତାଥି୍ ବାହାର୍‌ବା- ମାଧ୍ୟମିକ ବୋର୍ଡ଼୍ କର୍ତ୍ତୃପକ୍ଷଙ୍କର୍ ସୂଚ୍‌ନା ।

ମୁଖ୍ୟମନ୍ତ୍ରୀ- ନୂଆଦିଲ୍ଲୀ ଗସ୍ତ I&PR

ଓଡ଼ିଶାକେ ଶିଳ୍ପ ସମୃଦ୍ଧ କର୍‌ବାର୍ ଲାଗି ନୂଆଦିଲ୍ଲୀ ନ ଗଲା ୨ ଦିନ୍ ଭିତ୍‌ରେ ହେଇଥିବା ନିବେଶକ ସମ୍ମିଳନୀଥି ୧ ଲାଖ୍ ୩ ହଜାର୍ ୯୦ କୋଟି ନୁ ଅଏତ୍‌କା ଟଙ୍କାର ପୁଞ୍ଜିନିବେଶ୍ ପ୍ରସ୍ତାବ୍ ମିଲିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ସୂଚ୍‌ନା ଅନ୍‌ସାରେ ୧୩ ଟା ବଡ଼ ବଡ଼ ଶିଳ୍ପସଂସ୍ଥା ସାଙ୍ଗେ ସର୍‌କାର୍‌ଙ୍କର୍ ତର୍‌ଫୁ ଚୁକ୍ତିନାମା ସ୍ୱାକ୍ଷରିତ୍ ହେଇଛେ । ଶିଳ୍ପମାନେ ପ୍ରତିଷ୍ଠା ହେଲେ ପାଖାପାଖି ୯୫ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ମିଲିପାର୍‌ବା ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ସ୍ୱାକ୍ଷରିତ ହେଇଥିବା ଚୁକ୍ତିନାମା ଅନ୍‌ସାରେ ଭାରତୀୟ ତୈଲନିଗମ୍ ଆର୍ ଏଚ୍‌ସିଏଲ୍ ଟେକ୍ କମ୍ପାନୀ ଠାନ୍ ପାଇଛେ । ଭାରତୀୟ ତୈଲ ନିଗମ୍ ସବୁନୁ ଜହ ୫୮ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ପ୍ରସ୍ତାବ୍ ରାଜ୍ୟ ସର୍‌କାର୍‌ଙ୍କର୍ ସାଙ୍ଗେ ଚୁକ୍ତିନାମା କରିଛେ । ରାଜ୍ୟର୍ ବିକାଶ୍ କ୍ଷେତ୍ରଥି ପୁଞ୍ଜିନିବେଶ୍ ପ୍ରସ୍ତାବ୍ ଗୁଟେ ମାଇଲ୍‌ଖୁଂଟା ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ହରିଦୀପ୍ ସିଂ ପୁରୀ କହିଛନ୍, ଭାରତ୍ ଆଏବା ଦିନେ ବିଶୋଧନାଗାରର କେନ୍ଦ୍ର ହେବା ଆଉ ଓଡ଼ିଶା ଇଥି ମୁଖ୍ୟ ଭୂମିକା ନେବା । ରାଜ୍ୟର୍ ରପ୍ତାନୀ ଅଭିବୃଦ୍ଧିକେ ନଜର୍‌ଥି ରଖିକରି ନିବେଶକ୍‌ମାନେ ଇତାର୍

ସୁଯୋଗ୍ ନେବାର୍ ଲାଗି ମନ୍ତ୍ରୀ ଶ୍ରୀ ପୁରୀ ଆହ୍ୱାନ୍ ଦେଇଛନ୍ ।

ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନା          ପିଆଇବି/କଲହାଣ୍ଡି

ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନାକେ ଆଏଜ୍ ୧୦ ବଛର୍ ପୁରିଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରିକଳ୍ପନାଥି ହେଇଥିବା ଇ ମହତ୍ୱାକାଂକ୍ଷୀ ଯୋଜ୍‌ନା ଦେଶେ ଋଣ ବ୍ୟବସ୍ଥାଥି ବୈପ୍ଳବିକ ପରିବର୍ତ୍ତନ୍ ଆନିଛେ । ଦେଶର୍ ଲୁକ୍‌କୁ ଛୋଟ୍ ବେପାର୍ ମୁଲ୍ କର୍‌ବାର୍ ଲାଗି ସୁଯୋଗ୍ ଦେବାର୍ ସହେତେ ଛୋଟ୍ ଉଦ୍ୟୋଗ୍‌କେ ତହଁକାବାର୍‌ଥି ବଡ଼୍‌ଟେ ଭୂମିକା ନେଇଛେ । ୨୦୧୫ ମସିହାଥି ମୁଲ୍ ହେଇଥିବା ମୁଦ୍ରା ଯୋଜ୍‌ନା ଜରିଏ ଗଲା ୧୦ ବଛର୍ ଭିତ୍‌ରେ ଦେଶର୍ ୫୨ କୋଟି ଲୋକ୍ ଆଉ ଉଦ୍ୟୋଗ୍‌ମାନ୍‌କୁ ୩୨ ଲାଖ୍ ୬୧ ହଜାର୍ କୋଟି ଟଙ୍କାର୍ ଋଣ ଦିଆଯାଇଛେ । ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନାଥି ଋଣ ନେଉଥିବାର୍ ଲୁକ୍‌କର୍ ଭିତ୍‌ରେ ଆର୍ଥିକ୍ ଦୃଷ୍ଟିନୁ ଦୁର୍ବଲ୍ ବର୍ଗର୍ ଉଦ୍ୟମୀ ଅଛନ୍ । ହେଲେ ଯୋଜ୍‌ନାଥି ସବୁ ନୁ ଜହ ମହିଳା ହିତାଧିକାରୀ ଅଛନ୍ ।  ଯୋଜ୍‌ନାର୍ ୧୦ ବଛର୍ ପୂର୍ତି ଉଧେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦେଶର୍ ଭିନ୍ ଭିନ୍ ଇଲାକାର୍ ସଫଲ୍ ହିତାଧିକାରୀମାନ୍‌କର୍ ସାଙ୍ଗେ ସିଧାସଲଖ୍

ଭାବ୍ ବିନିମୟ କରିଛନ୍ । ସେମାନ୍‌କର୍ ସଫଳତାର୍ କାହାନୀ ଅଲ୍‌ଗା ମାନ୍‌କୁ ତହଁକାବା ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜ୍‌ନାଥି କଳାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନା ସହରର୍ ଲାଭାର୍ଥୀ ସରୋଜ କୁମାର ସାହୁ ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭର୍- ସରୋଜ୍ ସାହୁ)

ଯୋଜ୍‌ନାଥି ୪ ଟା ବର୍ଗଥି ଋଣ ଦିଆଯାଉଛେ । ଶିଶୁବର୍ଗଥି ୫୦ ହଜାର୍ ଟଙ୍କା, କିଶୋର ବର୍ଗଥି ୫୦ ହଜାର୍‌ନୁ ୫ ଲାଖ୍, ଯୁଆନ୍ ବର୍ଗଥି ୫ ଲାଖ୍ ନୁ ୧୦ ଲାଖ୍ ତକ୍ ଋଣ ଦିଆଯାଉଛେ । ଇତାର୍‌ଛଡ଼ା ଭଲ୍ ଭାବେ ଋଣ ସୁଝିଥିବା ଉଦ୍ୟୋଗୀମାନ୍‌କୁ ତରୁଣ ପ୍ଲସ୍ ବର୍ଗଥି ୧୦ ନୁ ୨୦ ଲାଖ୍ ଟଙ୍କାତକ୍ ଋଣ ଯୁଗେଇ ଦିଆଯାଉଛେ ।

ପୁରୀ ଶ୍ରୀମନ୍ଦିର୍ ଧାଡ଼ି ଦର୍ଶନ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଇ ମାସର୍ ଶେଷ୍‌ତକ୍ ଧାଡ଼ି ଦର୍ଶନ୍ ମୁଲ୍ ହେବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଇ ବାବ୍‌ଦେ ହପ୍ତେ ଭିତ୍‌ରେ

ଶ୍ରୀମନ୍ଦିର୍ ପରିଚାଳନା କମିଟି ଗଠିତ୍ ହେବା । ତାର୍‌ଉତ୍‌ରୁ ହୁଣ୍ଡି ଉଠାବାର୍ ନିଷ୍ପତିକେ ଅନୁମୋଦନ୍ ମିଲ୍‌ବା । ପରିଚାଳନା କମିଟିର୍ ପ୍ରସ୍ତାବ୍ ଆର୍ ସର୍‌କାର୍‌ଙ୍କର୍ ଅନୁମତି ଉତ୍‌ରୁ ହୁଣ୍ଡି ସ୍ଥାନାନ୍ତର୍ କରାଯିବା । ଇତାର୍‌ସହେତେ ଧାଡ଼ିଦର୍ଶନ୍ ବ୍ୟବସ୍ଥା ଶୃଙ୍ଖଲିତ୍ ଭାବେ ହେଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ-ଶକ୍ତିପୀଠ କରିଡ଼ର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨ ବଛର୍ ଭିତ୍‌ରେ ଶକ୍ତିପୀଠ କରିଡ଼ର୍ ଗଠନ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ବ୍ରହ୍ମପୁର୍‌ର ତାରାତାରିଣୀ ଦର୍ଶନ୍ ବେଲେ ମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ବୀରଜା, ଉଗ୍ରତାରା, ତାରାତାରିଣୀ, ଭଗବତୀ, ମଙ୍ଗଳା, କାଳିଜାଈ  ପୀଠକେ ନେଇକରି ଶକ୍ତିପୀଠ କରିଡ଼ର୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଭକ୍ତମାନ୍‌କର୍ ସୁବିଧା ଦର୍ଶନ୍ ଲାଗି ଇ ଯୋଜ୍‌ନାଥି ହେଲିକେପ୍ଟର୍‌ର ବ୍ୟବସ୍ଥା କର୍‌ବାର୍‌କେ ସର୍‌କାର୍ ଚିନ୍ତା କରୁଛନ୍ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ୍ ଅଧ୍ୟକ୍ଷ        I&PR

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ୍‌ର ଅଧକ୍ଷ ଭାବେ ପ୍ରଦୀପ୍ କୁମାର୍ ଜେନା ଆଏଜ୍ ଶପଥ୍ ପାଠ କରିଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ରାଜ୍ୟ ରାଜ୍‌ଭବନ୍ ଠାନେ ଶ୍ରୀ ଜେନାଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ କରେଇଛନ୍ । ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀ ଜେନାଙ୍କୁ ବିଦ୍ୟୁତ୍ ନିୟାମକ ଆୟୋଗ୍‌ର ଅଧକ୍ଷ ଭାବେ ମାର୍ଚ୍ଚ ୨୮ ତାରିଖ୍ ରାଜ୍ୟ ସର୍‌କାର୍ ନିଯୁକ୍ତି ଦେଇଥିଲେ ।

## ଓଡ଼ିଆ ପକ୍ଷ-ରକ୍ତଦାନ୍ ଶିବିର ସୁବର୍ଣ୍ଣପୁର/ ଦେବ୍‌ଗଡ଼୍/ କଲାହାଣ୍ଡି/ ସମ୍ବଲପୁର

ଓଡ଼ିଶା ଦିବସ୍ ପାଲନ୍ ଦିନୁ ରାଜ୍ୟ ସର୍‌କାର୍ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଲା, ସଂସ୍କୃତିକେ ନେଇକରି ଆଏବା ୧୪ ତାରିଖ୍‌ତକ୍ ଫି'ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ । ଓଡ଼ିଆ ପକ୍ଷ ପାଲନ୍‌ର ୮ ନମ୍ବର୍ ଦିନେ ଆଏଜ୍ ରାଏଜେ ରକ୍ତଦାନ୍ ଦିବସ୍ ପାଲନ୍ କରାଯାଇଛେ । ସ୍ୱେଚ୍ଛାକୃତ ରକ୍ତଦାନ୍ ବାଗିର୍ ମହତ୍ କାମ୍ ଲାଗି ଲୋକ୍‌ମାନ୍‌କୁ ତହଁକାବାର୍ ଉଦ୍ଦେଶ୍ୟ‌ଥି ରକ୍ତଦାନ୍ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଜିଲ୍ଲା

ମାନ୍‌କର୍ ମୁଖ୍ୟ ଡାକ୍ତର୍‌ଖାନା ଆର୍ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ରକ୍ତଦାନ୍ ଶିବିରର୍ ଆୟୋଜିତ ହେଇଥିବା ଆମର୍ ସମ୍ବାଦଦାତା ଜନେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନା ମେଗା ରକ୍ତଦାନ୍ ଶିବିର୍‌ଥି ୫୦ ୟୁନିଟ୍‌ନୁ ଅଏତ୍‌କା ରକ୍ତ ସଂଗ୍ରହ କରାଯାଇଛେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆଉ ଅତିରିକ୍ତ ଜିଲ୍ଲାପାଲ୍ ଶିବିର୍‌କେ ଉଦ୍‌ଘାଟନ୍ କରିକରି ଯୁଆନ୍ ବର୍ଗଙ୍କୁ ରକ୍ତଦାନ୍ ଲାଗି ଉତ୍ସାହିତ୍ କରିଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର୍ ରକ୍ତଭଣ୍ଡାର୍ ଠାନେ ଓଡ଼ିଆ ପକ୍ଷ ଅବ୍‌ସରେ ରକ୍ତଦାନ୍ ଶିବିର୍ ହେଇଛେ । ଶିବିରଥି ୨୫ ଝନ୍ ରକ୍ତଦାନ୍ କରିଥିଲେ ।

କଲାହାଣ୍ଡି ଜିଲ୍ଲା ପ୍ରଶାସନ୍, ଜିଲ୍ଲା ରେଡ଼୍‌କ୍ରସ୍ ଶାଖା ଆଉ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର୍ ଯୁବ ରେଡ଼୍‌କ୍ରସ୍‌ର ମିଳିତ୍ ସହଯୋଗ୍‌ଥି ଗୁଟେ ମେଗା ରକ୍ତଦାନ୍ ଶିବିର୍ ହେଇଯାଇଛେ । ଇଥି ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଲ୍ ସଚିନ୍ ପାୱାର୍ ପ୍ରକାଶ୍ ଉଦ୍‌ଘାଟନ୍ କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ରେଡ଼୍‌କ୍ରସ୍ ସୋସାଇଟିର ସହଯୋଗ୍‌ଥି ହେଇଥିବା ଶିବିରଥି ବହୁତ୍ ସଂଖ୍ୟାଥି ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ୍ କରିଥିଲେ ।

ମେଟ୍ରିକ୍ ପରୀକ୍ଷା ଫଲ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ମାଧମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଇ ବଛ୍‌ରର୍ ମେଟ୍ରିକ୍ ପରୀକ୍ଷାର୍ ଫଲ୍ ଆଏବା ମେ ମାସର୍ ୨ ନମ୍ବର୍ ହପ୍ତାଥି ବାହାର୍‌ବା ବଲି ପରିଷଦ୍‌ର ସଭାପତି ଶ୍ରୀକାନ୍ତ ତରାଇ ସୂଚ୍‌ନା ଦେଇଛନ୍ ।

ବିଜ୍ଞାନ୍ ପ୍ରଶ୍ନପତ୍ରଥି ୪ ମାର୍କା କମ୍ ହେଇଥିବାର୍ ନେଇକରି କେହେନି ସମସ୍ୟା ନାଇଁ ହୁଏ ଆଉ ଗ୍ରେସ୍ ମାର୍କ ବାବ୍‌ଦେ ପରିଚାଲନା କମିଟି ନିଷ୍ପତି ନେବା ବଲି ଶ୍ରୀ ତରାଇ କହିଛନ୍ । ଗଲା ୧୯ ତାରିଖ୍ ଦିନ ୩୦ ଟା ଜିଲ୍ଲାର୍ ୩ ହଜାର୍ ଶହେ ୩୩ ଟା କେନ୍ଦ୍ର ନ ୩ ଶହ ୧୪ ଟା ନୋଡ଼ାଲ୍ ସେଂଟର୍‌ଥି ପରୀକ୍ଷା ଖାତା ଦେଖା ହେଇଛେ । ଇ ବଛର୍ ମୋଟ୍ ୫ ଲାଖ୍ ୧୦ ହଜାର୍ ୭ ଶହ ୭୮ ଝନ୍ ଛାତ୍ରଛାତ୍ରୀ ମେଟ୍ରିକ୍ ପରୀକ୍ଷା ଦେଇଥିଲେ ।

ଶିକ୍ଷ ତାଲିମ୍ କେନ୍ଦ୍ର-ବୈଠକ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସର୍‌କାରୀ ଶିକ୍ଷ ତାଲିମ୍ କେନ୍ଦ୍ରର୍ ପରିଚାଲନା କମିଟି ବୈଠକ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ

ଯୁଆନ୍‌ମାନ୍‌କୁ ଆତ୍ମନିର୍ଭରଶୀଳ ହେବାର୍ ଉପ୍‌ରେ ଜୋର୍ ଦେଇଛନ୍ । ଜିଲ୍ଲାର୍ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ବୈଷୟିକ ଶିକ୍ଷା ଜରିଏ ଇଲାକାର୍ ଯୁଆନ୍ ପିଲାଟୁକେଲ୍‌ମାନ୍‌କୁ କୁଶଳୀ ଆଉ ସ୍ୱାବଲମ୍ବୀ ବନାବାର୍‌କେ ଜିଲ୍ଲାପାଲ୍ ଶ୍ରୀ ଦାସ କହିଛନ୍ ।

ବରିଷ୍ଠ ତୀର୍ଥଯାତ୍ରା ଯୋଜ୍‌ନାଥି କଲାହାଣ୍ଡି କଲାହାଣ୍ଡି

ରାଜ୍ୟ ସର୍‌କାର୍‌ଙ୍କର୍ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାଥି କଲାହାଣ୍ଡି ଜିଲ୍ଲାନୁ ଶହେ ୯୨ ଝନ୍ ବରିଷ୍ଠ ନାଗରିକ ଅଯୋଧ୍ୟା ବାରାଣାସୀକେ ଯାତ୍ରା କରିଛନ୍ । ଜିଲ୍ଲା ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଗଲାକାଏଲ୍ ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ତୀର୍ଥଯାତ୍ରୀ ବସ୍‌ର ଶୁଭାରମ୍ଭ କରିଥିଲେ । ବରିଷ୍ଠ ନାଗରିକ୍‌ମାନେ ଗଲାକାଏଲ୍ ରାୟଗଡ଼ା ନ ରାତି ରହିକରି ଆଏଜ୍ ଟ୍ରେନ୍‌ଥି ଅଯୋଧ୍ୟା ବାରାଣାସୀକେ ଯାତ୍ରା କରିଛନ୍ ।

ରାଜସ୍ୱ ସମୀକ୍ଷା ବୈଠକ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଳ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ଠାନେ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ମାର୍ଚ୍ଚ ମାସେ ଧାରିଜ୍ ଭିନ୍ ଭିନ୍ ରାଜସ୍ୱ ନିର୍ଦ୍ଧାରିତ୍ ସମିଆ ଭିତ୍‌ରେ ଆଦାୟ କର୍‌ବାର୍ ବାବ୍‌ଦେ ଆଲୋଚନା ହେଇଥିଲା ।

ସିଆର୍‌ପିଏଫ୍-ସିଭିକ୍ ଆକ୍ସନ୍ କାର୍ଯ୍ୟକ୍ରମ୍ /ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ଭିତ୍‌ରେ ଜାମ୍‌ଗାଓଁ ଠାନେ ସିଆର୍‌ପିଏଫ୍ ୨ ଶହ ୧୬ ବାଟାଲିୟନ୍ ତର୍‌ଫୁ ସିଭିକ୍ ଆକ୍ସନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସିଆର୍‌ପିଏଫ୍ କମାଣ୍ଡାଂଟ୍ ଏରିକ୍ ଗିଲ୍‌ବର୍ଟ ଯୋଷେ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମାଓ ପ୍ରଭାବିତ୍ ଇଲାକା ନ ଲୁକ୍‌କୁ ସ୍ୱାବଲମ୍ବୀ କର୍‌ବାର୍ ଲାଗି ମହୁମାଛି ପାଲନ୍, ଅଗର୍‌ବତୀ ତିଆରି ଜିନିଷ୍ ବାଂଟିଥିଲେ ।

ସର୍ବଭାରତୀୟ ପୁଲିସ୍ ହକି ଚାମ୍ପିଅନ୍‌ସିପ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ସର୍ବଭାରତୀୟ ପୁଲିସ୍ ହକି ଚାମ୍ପିଅନ୍‌ସିପ୍‌ଥି ଆଏଜ୍ ୫ ଟା ମେଚ୍ ଖେଲାଯାଇଥିଲା । ଆଝିର୍ ଜିତିଥିବା ଦଲ୍ ମାନ୍‌କର୍ ଭିତ୍‌ରେ ଉତର୍‌ପ୍ରଦେଶ୍, କର୍ଣ୍ଣାଟକ୍, ତେଲେଙ୍ଗାନା, ସିଆର୍‌ପିଏଫ୍ ଆର୍ ଉତର୍‌ପ୍ରଦେଶ୍ ମହିଳା ପୁଲିସ୍  ଦଲ୍ ଠାନ୍ ଅଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଘୂର୍ଣ୍ଣିବଲୟ ପ୍ରଭାବ୍‌ଥି ଦକ୍ଷିଣ୍ ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ବଲେ ରାଜ୍ୟର୍ ବଡ଼୍‌ଭାଗ ଜିଲ୍ଲା ନ ଆଏଜ୍ ଘଡ଼୍‌ଘଡ଼ି ସହେତେ ଧୁକାଗର୍ଡ଼ି ଆର୍ ବର୍ଷା ହେଇପାରେ । ସେଥିର୍‌ଲାଗି ରାଏଜେ ଆଏବା ୩ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମ୍‌ବା । ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କର୍ ସହେତେ ୧୨ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।